ଦାସ ଓ ୰ ଜଗନ୍ନାଥ ଦାସଙ୍କ କୃତ

ମୃଗୁଣୀ ସ୍ତୁତି

ହରଣୀସ୍ତୁତି, ଜଗନ୍ନାଥ ସ୍ତୁତି ଓ ଶିବ ସ୍ତୁତି

ଶ୍ରୀ ଅରକ୍ଷିତ ଦାସଙ୍କ ଦ୍ୱାରା
ନବମବାର ପ୍ରକାଶିତ

: ପ୍ରାପ୍ତିସ୍ଥାନ :

ଦାଶରଥି ପୁସ୍ତକାଳୟ
ବାଲୁବଜାର, କଟକ-୨

ମୂଲ୍ୟ ୦·୨୦ କୋଡ଼ିଏ ପଇସା ମାତ୍ର

ମୃଗୁଣୀ ସ୍ତୁତି

(ଲକ୍ଷ୍ମୀ ପୁରାଣ—ବୃତ୍ତେ)

ରାମ ରାମ ରାମ ଯେ ଶ୍ରୀରାମ ରାମ ରାମ । ଯେଉଁ ନାମ ଧଇଲେ ନ ଦଣ୍ଡେ କାଳଯମ ॥ ଶ୍ରୀହରି ନାମକୁ ଏକା ଜପୁଥିବୁ ମନ । ଅଶେଷ ଦୁରିତମାନ ହୋଇବ ଦହନ ॥ ଯୋଗୀଜନମାନଙ୍କର ପରମ କାରଣ । ସନ୍ଥଜନମାନଙ୍କ ଦୁରିତ ନିବାରଣ ॥ ଏଥୁ ଅନନ୍ତରେ ସର୍ବେ ଶୁଣ ରସସାର । ମାଘ କୃଷ୍ଣପକ୍ଷ ଯେ ପଞ୍ଚମୀ ଗୁରୁବାର । ଶୁଣ ଏକ ଦିନେ ପରୀକ୍ଷିତଙ୍କ ଭବନେ । ଆଚମ୍ବିତେ ମିଳିଲେ ତାହାଙ୍କ ସନ୍ନିଧାନେ ॥ ଦଣ୍ଡକମଣ୍ଡଳୁ ହସ୍ତେ ଡୋର କଉପୀନ । ରୁଦ୍ରାକ୍ଷର ଜପାମାଳା ଭସ୍ମ ବିଲେପନ ॥ ହରି ମନ୍ଦିରର ଚିହ୍ନ ନାସା ଅର୍ଦ୍ଧ ଯାଏ । ତମ୍ବାର କୁଣ୍ଡଳ ବେନି କର୍ଣ୍ଣେ ଶୋଭାପାଏ ॥ ତପତ କାଞ୍ଚନ ଜିଣି ତେଜ ଅନୁପମ । କୋଟି ଭାନୁ ଜିଣି ଯେ ଅନଳ ନୁହେ ସମ ॥ ଦୂରୁ ତାଙ୍କୁ ଦେଖି ରାଜା ଆନନ୍ଦିତ ମନ । ଆସନୁ ଉଠିଣ କଲେ ପାଞ୍ଚେଟି ଗମନ ॥ ପଡ଼ ପଚଶ ପଦୃଣ ଯାଏ ସେହୁ ଗଲେ । ମୁନିଙ୍କି ନିମନ୍ତ୍ର ରାଜା ମନ୍ଦିରେ ମିଳିଲେ ॥ ଧୂପ ଦୀପ ନଇବେଦ୍ୟ ବସନ ସୁନ୍ଦର । ନାନାବିଧେ ପୂଜା କଲେ ମୁନିଙ୍କ ପୟର ॥ ଦିବ୍ୟ ଆସନେ ମୁନିଙ୍କି ବସାଇଲେ ନେଇ । ବିନୟ ହୋଇଣ ରାଜା ବଚନ କହଇ ॥ ହେ ମୁନିପୁଙ୍ଗବ ତୁମ୍ଭେ ସର୍ବ ତାପହର । ପବିତ୍ର କର ହେ ମୁନି ମୋର କଳେବର ॥ କହ ବିଷ୍ଣୁ ପୁରାଣର ଯେ ପବିତ୍ର କଥା । ତବ ମୁଖୁଁ ଶୁଣିଲେ ଖଣ୍ଡିବ ଭବବ୍ୟଥା । କେମନ୍ତ ପ୍ରକାରେ ଯେ ହରିଣୀର ବିପତ୍ତି । କାହିଁ ଥାଇ ତାହା ଯେ ଜାଣିଲେ ଶୀଘ୍ରପତି ॥ ସେ କଥା ସଂକ୍ଷେପେ ମୋତେ କହିବ ଗୋସାଇଁ ।

ତବ ମୁଖୁଁ ଶୁଣିଲେ ଯେ ପ୍ରୀତେ ଶିବ ମୁହିଁ ॥ ପରୀକ୍ଷିତ ବଚନେ
ଆନନ୍ଦ ଶୁକ ମୁନି । ବୋଇଲେ ହେ ଧନ୍ୟ ରାଜା ଅଟ ବ୍ରହ୍ମଜ୍ଞାନୀ ॥
ଯାହା ପଚାରିଲ ଭାଗବତର ଚରିତ । ସାବଧାନ ହୋଇ ତୁମ୍ଭେ ଶୁଣ
ନୃପସୁତ ॥ ସୁବାହୁ ବୋଲିଣ ଯେ ଏକଇ ଘୋରବନ । ହର ପାର୍ବତୀଙ୍କର
ସେ ଅଟେ କ୍ରୀଡ଼ାସ୍ଥାନ ॥ ତାହିଁ ବନେ ହରିଣୀ ଚରଇ ତହିଁ ନିତ ।
ମହାଦେବ ପ୍ରସାଦେ ନ ଥାଏ ଭୟ ଭ୍ରାନ୍ତ ॥ ଗର୍ଭବାସ ହେବରୁ ତାର
ଅଳସ ଗମନ । ସଙ୍ଗତେ ଅଛନ୍ତି ବେନି ବାଳୁତ ନନ୍ଦନ ॥ ଦଇବ
ବିପାକ କଥା କେ କରିବ ଆନ । ଯାହା ଯେ କପାଳେ ଧାତା କରିଛି
ଲେଖନ ॥ ବିଧି ଅନୁସାରେ ହୁଏ କର୍ମର ଉଦିତ । କର୍ମ ଅନୁସାରେ
ଜୀବ ହୁଏ ଆତଯାତ ॥ ଶୁଭ ଅଶୁଭ ଯେ ଫଳଇ ଦୁଃଖ ରାଶି ।
ତାହା ନ ଜାଣିଲେ ଜୀବ ନୁହଇ ବିଶ୍ୱାସୀ ॥ ଫଳଦାତାର କରତା
ଅଟନ୍ତି ଈଶ୍ୱର । ମାୟା ନର ଆତଯାତ କରନ୍ତି ସଂସାର ॥ ଏକଦିନେ
ହରିଣୀ ବନସ୍ତେ ଚରୁଥିଲା । ବନ୍ୟାକ୍ଷ ଶବର ଯେ ସେ ସ୍ଥାନେ ମିଳିଲା ॥
ଏମନ୍ତେ ହରିଣୀ ସଙ୍ଗେ ଛନ୍ତି ଶିଶୁ ବେନି । ବଧାନ୍ତା ସୁମରି ଯେ ମାଇଲା
ସୁରଧୂନି ॥ ଦିନ ଦିନ ଉପାସରୁ ମିଳିଲା ଆହାର । ଏକ୍ଷଣି ମାରିଣ ମୁଁ
ଯେ ତୋଷିବି ଉଦର ॥ ବନ୍ଧୁ ସ୍ତ୍ରୀ ଯୋଦର କୁଟୁମ୍ବ ସନ୍ତୋଷିବ ।
ଉଦରୁ ଯମର୍ପି ପୁଣ ନାଥଙ୍କୁ ଲେଡ଼ିବ ॥ ଏମନ୍ତ ପାପୀ ଶବର ମନରେ
ହରଷ । ବଧାନ୍ତା ସୁମରି ଓଗାଳଇ ଦଶଦିଶ ॥ ଚଉପାଶେ ଜାଲବାଡ଼
ପାତିଲା ହରଷେ । ପଛରେ ଦୋହରା ଅଗ୍ନି ଲଗାଇଲା ରୋଷେ ॥
କରେ ଧନୁ ଧରିଣ ଯେ ଦ୍ୱାରକୁ ରୁନ୍ଧିଲା । ଧର ମାର ବୋଲିଣ
ଶ୍ୱାନକୁ ଟପଶିଦେଲା ॥ ନିଶ୍ଚିନ୍ତ ହୋଇଣ ଯେ ହରିଣୀ ଚରୁଥିଲା ।
ମନୁଷ୍ୟର ରବ ଶୁଣି ବଦନ ଟେକିଲା ॥ ଆଗ ପାଶରେ ଯେ
ବ୍ୟାଧ ଦୁଇ ପାଶେ ଜାଲ । ପଛ କତରେ ଅନଳ ଜଳଇ
ପ୍ରବଳ ॥ ଚେଇ ଚେଇ କାର ଶବଦ ଶୁଭଇ ଗୁରୁତାଣ । ଆଗକୁ ଚାହିଁଲା
ବ୍ୟାଧ କରେ ଧନୁବାଣ ॥ ଲହ ଲହ ଜିହ୍ୱା ଶ୍ୱାନ ଆସୁଅଛି ଧାଇଁ ।
ମାର ଧର ବୋଲିଣ ଯେ ଡାକଇ ତୁହାଇ ॥ ଏହା ଦେଖି ତରସ୍ତ ଯେ

ହୋଇଲା ହରିଣୀ । ମୂର୍ଚ୍ଛାଗତ ହୋଇଣ ସେ ପଡ଼ିଲା ଧରଣୀ ॥ ସଚେତ ହୋଇଣ ପୁଣି ମନେ ବିଚାରଇ । କେମନ୍ତ ପ୍ରକାରେ ଏଥୁଁ ପଳାଇବି ମୁହିଁ ॥ ଆଗକୁ ଗଲେ ଶବର ବିନ୍ଧିବ ଯେ ଶର । ପଛକୁ ଗଲେଣ ପୋଡ଼ି ମରିବି ଅଗ୍ନିର ॥ ଅନ୍ୟଦିଗେ ଗଲେ ଯେ ପଡ଼ିବି କାଳେ ଯାଇଁ ॥ ଏଥି ରହିଥିଲେ ଶ୍ୱାନ ଧରିବ ମୋ ଦେହି ॥ ମୋହର ସଙ୍ଗରେ ଯେ ମରିବେ ବେନି ପୋଏ । ଆବର ମରିବେ ମୋର ଗର୍ଭର ତନୟେ ॥ ମହାଘୋର ସଙ୍କଟେ ଯେ ପଡ଼ିଲି ଜୀବନ । ହିଙ୍କରିଣ ରଖ ମୋତେ ପ୍ରଭୁ ଭଗବାନ ॥ ମଧୁଦୈତ୍ୟ ନାଶି ନାମ ଶ୍ରୀମଧୁସୂଦନ । ଦୁଃଖୀ ଲୋକ ବାନ୍ଧବ ଦରିଦ୍ର ଲୋକ ଧନ ॥ ପଥ ନ ଦିଶଇ ମୁଁ କରିବି କିସ ବୁଦ୍ଧି । ଆତଙ୍କେ ଡାକୁଛି ମୋତେ ରଖ ଦୟାନିଧି ॥ ରଖ ରଖ ଜଗନ୍ନାଥ ଦୁଃଖୀର ସଙ୍ଗାତ । ତୁମ୍ଭେ ନ ରଖିଲେ ଆଜ ହୋଇଲି ଅନାଥ ॥ ଏମନ୍ତେ ପ୍ରଭୁଙ୍କ ପାଦେ ଲଗାଇଲା ଲୟ । ଜୟ ଜୟ ଦୀନବନ୍ଧୁ ଜୟ ବିଶ୍ୱକାୟ ॥ ଜୟ ଜୟ କୃପାନିଧି ଜଗତ ତାରଣ । ମହାଭୟ ନିବାରଣ ପ୍ରଭୁ ନାରାୟଣ ॥ ଜୟ ଜୟ ବିପଦ ଭଞ୍ଜନ ଦାଶରଥି । ଘାତ ତାଳରୁ ରଖିଲ ଭରତଆ ପକ୍ଷୀ । ସାବତ ଜନନୀ ଛଳେ ଧ୍ରୁବ ଚନ୍ଦ୍ରା ନନ୍ଦ ॥ ଚଉଦ ଭୁବନ ଲୋକେ ଯାଇଣ ବସିଲା ॥ ଜୟ ଜୟ ବିଶ୍ୱପତି ଜଗତ କରତା । କଂସ ମାରି ତୁମ୍ଭେ ଯେ ରଖିଲ ମାତା ପିତା ॥ ରାବଣକୁ ମାରି ତୁମ୍ଭେ ଜାନକୀ ଆଣିଲ । ଲଙ୍କାଗଡ଼େ ରାଜା ବିଭୀଷଣକୁ ଯେ କଲ ॥ ମନ୍ଦୋଦରୀ ରାଣୀକୁ ଯେ କଲ ମହାସତୀ । ବିଭୀଷଣ ମାଇକିନାର ସେ ହେଲା ପ୍ରିୟବତୀ ॥ ଅମର କରି ରଖିଲ ତାକୁ ଯୁଗ ଯୁଗ । ଶରଣ-ପଞ୍ଜର ତୁମ୍ଭେ ଅଟ ପଦ୍ମନାଭ ॥ ଗୋପୀ ଗୋପାଳ ରଖିଲ କରେ ଗିରି ଧରି । ବେଦ ଉଦ୍ଧରି ରଖିଲ ଶଙ୍ଖାସୁର ମାରି । ଅଜାମିଳ ଡାକିଲା ଯେ ରଖ ନାରାୟଣ । କେଡ଼େ ବଡ଼ ପାପୀକି ବୈକୁଣ୍ଠେ ଦେଲ ସ୍ଥାନ ॥ ଜୟ ଜୟ ଜଗନ୍ନାଥ ପ୍ରହ୍ଲାଦେ ରଖିଲ । ନୃସିଂହ ରୂପେଣ ହିରଣ୍ୟକୁ ବିଦାରିଲ ॥ ଜୟ ଜୟ ଜଗନ୍ନାଥ ବାଳକି ରଖିଲ । ପାତାଳ ପୁରରେ ନେଇ ଗୋପ୍ୟ କରାଇଲ ॥ ଶ୍ରୀଚରଣ ଲଭିଲ

ସେ ଅହଲ୍ୟାର ଶିର । ପାଷାଣ ଦେହରୁ ସ୍ପର୍ଶ ହୋଇଲା ବାହାର ॥ ଗଜ ଡାକିଲା ତାକୁ ରଖିଲ ନାରାୟଣ । ଚକ୍ର ପେଶି ଗ୍ରାହକୁ କଲ ନିବାରଣ ॥ ତୁମ୍ଭ ଚରଣରେ ମୃଗୀ ଲଗାଇଛି ଲୟ । ଗର୍ଭର ଭାରରେ ମୋତେ ହୋଇବ ସଦୟ ॥ ପ୍ରଭୁ ଜଗତତାରଣ ନ କରୁ ହେ ଆନ । ତୁମ୍ଭ ଶ୍ରୀଚରଣ ତଳେ ଲଗାଇଛି ଧ୍ୟାନ ॥ ଜୀବନକୁ ଆଶା ଆଜି ନାହିଁ ଯେ ମୋହର । ଏ ବେଳ ବାଳକେ ତୁମ୍ଭେ ରଖ ଚକ୍ରଧର ॥ ଅରକ୍ଷିତ ବନ୍ଧୁ ତୁମ୍ଭେ ଦୁଃଖୀଲୋକ ବନ୍ଧୁ । ବ୍ୟାଧର ସଙ୍କଟୁ ମୋତେ ରଖ ଜଗନ୍ନାଥ ॥ ଏମନ୍ତେ ଅନେକ ସ୍ତୁତି କଲା ଯେ ହରିଣୀ । ବୈକୁଣ୍ଠପୁରେ ତାହା ଜାଣିଲେ ଚକ୍ରପାଣି ॥ ଲକ୍ଷ୍ମୀଙ୍କର କୋଳେ ଯେ ଦେଇଣ ଶ୍ରୀମସ୍ତକ । ଆନନ୍ଦେ ଯୋଗ ନିଦ୍ରାରେ ଥିଲେ ଭଗବାନ ॥ ସରସ୍ୱତୀ ବୀଣା ଧରି ବଜାଉ ଅଛନ୍ତି । ଗାନ୍ଧାର ରାଗେଣ ତାଳ ଆଳାପ କରନ୍ତି ॥ କମଳା ବିମଳା ରହି ଆଳଟ କରନ୍ତି । ସତ୍ୟଭାମା କାଳିନ୍ଦୀ ଆବର ଜାମ୍ବବତୀ ॥ ରୁକ୍ମିଣୀ ସହିତେ ଯେତେ ପାଟ ମହାଦେଈ । ଯେ ଯାହା ସେବାରେ ରହି ଚରଣ ସେବଇ ॥ ସୁବାହୁ ବନ ବୈକୁଣ୍ଠ ସହସ୍ର ଯୋଜନ । ଏତେଦୂର ଡାକ ତ ଶୁଭଇ ଘନ ଘନ ॥ ନିକଟେ ଡାକିଲା ପ୍ରାୟେ ଶୁଭେ ଅନୁପମ । ସହସ୍ରେକ ବଜ୍ର କି ପଡ଼ିଲା ଏକ ସ୍ଥାନ ॥ ଥରହର ହୋଇଣ ଯେ ବୈକୁଣ୍ଠ କମ୍ପିଲା । ଅତି ଆରତରେ ସହୁଁ ମୃଗୁଣୀ ଡାକିଲା । ମୃଗୁଣୀର ଆରତ ଯେ ଫେଡ଼ିବେ ଗୋସାଇଁ । ଭକତବତ୍ସଳ ତ କମଳାଦେବୀ ସାଇଁ ॥ ବାସବକୁ ରାଇ ଆଜ୍ଞା ଦେଲେ ଦାଶରଥି । ଘୋରବନେ ହରିଣୀକି ପଡ଼ିଛି ବିପତ୍ତି । ଘୋରଜାଲ ବରଷ ଅନଳ ଲିଭିଯାଉ । ବଜ୍ର ମାରି ଶ୍ୱାନକୁ ବ୍ୟାଧକୁ ସର୍ପ ଖାଉ ॥ ବାତଘାତେ ଜାଲ ବାଡ଼ ହେଉ ନାରଖାର । ବାସବ ହେ ସେଠାବକୁ ବେଗ ହୋଇ ଚଳ ॥ ଆଜ୍ଞା ପାଇ ଇନ୍ଦ୍ର ଯେ ବହନ ଚଳିଗଲେ । ଗୁଣମେଘକୁ ତକ୍ଷଣେ ଆଜ୍ଞା ଯେହୁ ଦେଲେ ॥ ପବନକୁ ବୋଇଲେ ତୁ ସଙ୍ଗେ ସଙ୍ଗେ ଥିବୁ । ଜଳବୃଷ୍ଟି ସହିତରେ ବତାସ ବହିବୁ ॥ ଶ୍ୱାନକୁ ବଜ୍ରଏ ଯେ ମାରିବୁ ସେ ମରିବ । କଣ୍ଟକରେ

ଶବରକୁ ଉରଗ ଗିଳିବ ॥ ଏମନ୍ତେ ମୋ ହରଣୀର କଷ୍ଟ ହେବ ଦୂର । ସ୍ୱାମୀର କାର୍ଯ୍ୟ ଯେମନ୍ତ ଚଳି ତତ୍ପର ॥ ଆଜ୍ଞା ପରମାଣେ ତହୁଁ ଘୃଣମେଘ ଗଲେ । ସୁବାହୁ ବନରେ ଯାଇଁ ପ୍ରବେଶ ହୋଇଲେ ॥ ଘଡ଼ ଘଡ଼ି ମାରେ ଯେ ବିଜୁଳି ଘନ ଘନ । ତାହା ଦେଖି ମୟୂର ମଣ୍ଡୁକ କରେ ସ୍ୱନ । ଦଶଦିଗ ଅନ୍ଧକାର କିଛି ତ ନ ଦିଶି । ସୃଷ୍ଟି ପ୍ରଳୟ ପ୍ରବେଶ ହୋଇଲାକ ଆସି ॥ ଅଣଚାଶ ମୂର୍ତ୍ତି ଧରି ବହିଲା ପବନ । ଲଭିଲା ଅନଳ ଯେ ଛୁଟିଲା ଜାଲମାନ ॥ ଶ୍ୱାନକୁ ବଜ୍ର ଶବରେ ଉରଗେ ଗିଳିଲା । ଏମନ୍ତେ ହରଣୀର ଯେ କଷ୍ଟ ଦୂର ହେଲା ॥ ଏହା ଦେଖି ହରଣୀ ହରଷ ଚିତ୍ତ ହୋଇ । ସାଧୁ ସାଧୁ ବିଧାତା ଯେ ବୋଲିଣ ବୋଲଇ ॥ ନାରାୟଣ ସୁମରି ଚାଲଇ ଧୀର ଧୀର । ନବରଙ୍ଗେ ଚାଲୁଛନ୍ତି ବାଳୁତ କୁମର ॥ ପ୍ରବେଶ ହୋଇଲା ଯାଇଁ ଆପଣ ମନ୍ଦିର । ଶୁଣ ପରୀକ୍ଷିତ ରାଜା ଉତ୍ତର କୁମର ॥ ଏମନ୍ତ ପ୍ରକାରେ ଅଟେ ହରଣୀ ବିପତ୍ତି । ଶୁଣିଲେ ଖଣ୍ଡନ ହୁଏ ଅଶେଷ ଦୁର୍ଗତି ॥ ଦୁଃସହ ବିପତ୍ତି ତାର ନ ଲାଗଇ ଦେହେ । ଅପୁତ୍ରିକ ଶୁଣିଲେ ଯେ ପୁତ୍ର ଜାତ ହୁଏ ॥ ଦରିଦ୍ରରେ ଧନ ଯେ ଅମୋକ୍ଷ ମୋକ୍ଷଦାତା । ତନ୍ତ୍ରାର୍ଥୀମାନେ ପଢ଼ିଲେ ସିଦ୍ଧ ସବୁ ତନ୍ତ୍ର ॥ ସନ୍ଧ୍ୟାକାଳେ ପ୍ରାତଃକାଳେ ସୁମରନ୍ତି ଯେ ଜନ । ମହାଘୋର ସଙ୍କଟୁ ରଖନ୍ତି ଭଗବାନ ॥ ମୃଗୁଣୀର ସ୍ତୁତି ଏ ଅମୃତମୟ ରସ । ସମ୍ପୂର୍ଣ୍ଣ କରି ଶୁଣିଲେ ବୈକୁଣ୍ଠରେ ବାସ ॥ ବଳରାମ ଦାସ ଗୀତା ଅନ୍ତରେ ଲହିଲେ । ଧନ୍ୟ ଧନ୍ୟ ମୃଗୁଣୀ ଯେ ବୋଲିଣ ବୋଇଲେ ॥ ଜୟ ଜୟ ଜଗନ୍ନାଥ କମଳା-ବିଳାସ ॥ ଶ୍ରୀପାଦ-ପଦ୍ମେ ଶରଣ ବଳରାମ ଦାସ ॥

ଇତି ଶ୍ରୀ ବଳରାମ ଦାସଙ୍କ କୃତ ମୃଗୁଣୀ ସ୍ତୁତି ସମାପ୍ତ ।

ହରିଣୀ ସ୍ତୁତି

ଅଗ୍ରେ ବ୍ୟାଧଃ କର ଧୃତଶରଃ ପୃଷ୍ଠତୋ ଜାଲମାଲା
ପାର୍ଶ୍ୱେ ବହ୍ନି ଦହତି ବିପିନଂ ସନ୍ନିଧୌ ଶ୍ୱାନମେଳା।
ଏଣୀଗର୍ଭାଦଲସଗମନା ବାଳକାଃ କ୍ରୋଡ଼ଲଗ୍ନା—
ଶ୍ଚିନ୍ତାଯୁକ୍ତା ବଦତି ମୃଗୀ କିଂ କରୋମି କ୍ୱଯାମ । ୧ ।

ଅନୁବାଦ

ଦେଖ ଘଟଣା ଦଇବ ଯୋଗର । ବ୍ୟାଧ ଶର ଧରି ଜଗେ ଆଗର ॥ ପୃଷ୍ଠଭାଗେ ବନ ଦହେ ଅନଳ । ପାଖେ ମିଳି ଅଛଇ ଶ୍ୱାନମେଳ ॥ ଏଣୀ ଗର୍ଭବତୀ । ତେଣୁ ବନ୍ଧାରେ ଅଳସରେ ଗତି । ୧ ।

ସଙ୍ଗେ ଅଛନ୍ତି ମୃଗଶିଶୁପଂକ୍ତି । ଯହିଁ ସ୍ନେହ ବଢ଼ାଇ ପ୍ରାଣ୍ତି ଅତି । କିସ କରିବ କେଉଁଦିଗେ ଯିବ । କେଉଁ ଉପାୟେ ବିପଦୁ ତରିବ । ଏମନ୍ତ ବୋଲିଣ । ଚିନ୍ତାକୁଳା ହୋଇ କଲା ରୋଦନ ॥

ଶ୍ଳୋକ

ଏଣୀ ଚିନ୍ତାତ୍ୟଭଗତଭୟଚେତସା ଶ୍ରୀନିବାସଂ ।
ଶ୍ରୁତ୍ୱା ପୂର୍ବଂ ଜଳଚରଗ୍ରାହ ତ୍ରାୟମାଣଂ ଗଜେନ୍ଦ୍ର ।
ସ୍ତୋତ୍ରଂ କର୍ତ୍ତୁଂଜପବଧହୃତଃ ଭାବନାଂ ନାସ୍ତି ଶକ୍ତି ।
ପାଦାମ୍ଭୋଜେ ଶରଣଂ ପଢ଼ତାଂ ରକ୍ଷତା ନୈବରକ୍ଷେ । ୨ ।

ଅନୁବାଦ

ଭୟ କାତର ମନରେ ମୃଗୁଣୀ । ଚିନ୍ତାକଲା ଗୋବିନ୍ଦ ଗୁଣଗୁଣି ॥ ଆହେ ପ୍ରଭୁ ଜଗତଜନବନ୍ଧୁ । ଦୀନ ଉଦ୍ଧାରଣ କରୁଣାସିନ୍ଧୁ ॥ ତୁମେ କୃପାସିନ୍ଧୁ । କରୁଣା କଲେ କରିପାରି ବନ୍ଧୁ । ୨ ।

ପୂର୍ବେ ନକ୍ର ଧରିଲା ଗଜେନ୍ଦ୍ରକୁ । ଆର୍ତ୍ତସ୍ୱରେ ସେ ଡାକିଲା ତୁମ୍ଭଙ୍କୁ ॥ ତେବେ ଶ୍ରବଣ ତା ଡାକ ଶୁଣିଲ । ଚକ୍ର ପେଷିଣ ନକ୍ରେ କାଟିଲ ॥ ଉଦ୍ଧରି ଗଜକୁ । ଦେଲ ଦୁଇ ଜଣ ଦ୍ୱାରିସଜକୁ ॥

ମୁଁ ଯେ ସ୍ତୁତି ଜପ ହୋମ ଭାବନା । କରିବାରେ ଅଟେ ଶକ୍ତି-ବିହୀନା ॥ ତେଣୁ ତୁମ୍ଭ ପାଦପଦ୍ମେ ଶରଣ । ଯାଉଅଛଇ ଆହେ ନାରାୟଣ ॥ ରଖ ବା ନ ରଖ । ଆନ ଆଶ୍ରୟ ନାହିଁ କଞ୍ଜମୁଖ ॥

ଶ୍ଳୋକ

ଆଧ୍ୱସ୍ତେନ ମରମନ୍ତ୍ରିତା ଗର୍ଜିତେ ମେଘମାଲେ,
ଘୋରେ ନାଦେ ବହତି ମରୁତ୍ତେ ଖଣ୍ଡିତା ଜାଲମାଲା ।
ସର୍ପଘାତନ୍ନରହିତଭୂକ୍ ଶ୍ୱାନୟୋ ବଜ୍ରପୀଡ଼ା
ମନ୍ଦଂ ମନ୍ଦଂ ଚଲତି ହରିଣୀ ସାଧୁ ସାଧୁ ବିଧାତା । ୩ ।

ଅନୁବାଦ

ଏମନ୍ତେ ଏଣୀ ସ୍ତୁତି କର୍ଣ୍ଣେ ଶୁଣି । ଆଜ୍ଞା ଦେଲେ ବାସବେ ଚକ୍ରପାଣି ॥ ତୁମ୍ଭେ ମେଘ ପେଷି ମୃଗୀ ରଖିବ । ବ୍ୟାଧ ପ୍ରଭୃତିଙ୍କୁ ତହୁଁ ନାଶିବ ॥ ଇନ୍ଦ୍ର ଏହା ଶୁଣି । ମେଘେ ଆଦେଶିଲେ ଯାଇ ତକ୍ଷଣି ॥

ଆଜ୍ଞାପାଇ ସେ କଲା ଘୋରଧ୍ୱନି । କମ୍ପେ ଚରାଚର ସଙ୍ଗେ ମେଦିନୀ । ଜଳ ବର୍ଷିଲା ମୂଷଳ ଧାରରେ । ଅଗ୍ନି ଲିଭିଗଲା ଅବିଳମ୍ବରେ ॥ ବାତେ ଜାଲମାଳା । ଛିଡ଼ିଲା ସର୍ପାଘାତେ ବ୍ୟାଧ ମଲା ।

ଶ୍ୱାନ ଉପରେ ବଜ୍ରପାତ ହେଲା । ତେଣୁ ମୃଗୀଚିତ୍ତୁ ଭୟ ଛିଡ଼ିଲା ॥ ଧୀରେ ଧୀରେ କରଇ ଗୃହୁଁ ଗତି । ସଙ୍ଗେ ନିଜ ଶିଶୁମାନେ ଅଛନ୍ତି ॥ ସାଧୁରେ ବିଧାତା । ତୋର ଅଟଇ ବିଚିତ୍ର କ୍ଷମତା । ୩ ।

ଏବେ ଭବସାଗରେ ମଗ୍ନ ଜନେ । ଚିନ୍ତାନ୍ତର ପ୍ରଭୁଙ୍କୁ ନିଜ ମନେ ॥ ସେହୁ ଅଟଇ ଜଗତଠାକୁର । ଯିଏ କାଳରେ ଅଛନ୍ତି ଅମର ॥ ତାଙ୍କ ପାଦ ସ୍ମର । କହେ ଜଗନ୍ନାଥ ଭଜନ ସାର ॥

ଇତି ଶ୍ରୀ ଜଗନ୍ନାଥ ଦାସଙ୍କ କୃତ ହରିଣୀ ସ୍ତୁତି ସମାପ୍ତ ।

—:*:—

ଜଗନ୍ନାଥ ସ୍ତୁତି

ନମସ୍ତେ ପ୍ରଭୁ ଜଗନ୍ନାଥ । ଅନାଥ ଲୋକଙ୍କର ନାଥ ॥
ନମସ୍ତେ ପ୍ରଭୁ ବାସୁଦେବ । ଭକତ ଜନଙ୍କ ବାନ୍ଧବ ॥
ନମସ୍ତେ ପ୍ରଭୁ ହୃଷୀକେଶ । ଭକତ ଜନଙ୍କ ବିଶ୍ୱାସ ॥
ନମସ୍ତେ ପ୍ରଭୁ ବିଶ୍ୱରୂପୀ । ସକଳ ହୃଦେ ଅଛ ବ୍ୟାପୀ ॥
ସୃଷ୍ଟି ପ୍ରଳୟ ଅନ୍ତକାଳୁ । ଏ ସର୍ବ ଗର୍ଭରେ ସମ୍ଭାଳୁ ॥
ପଞ୍ଚାଶ କୋଟି ବସୁନ୍ଧରା । ତୋର ହୃଦରେ ଛନ୍ତି ପୂରି ॥
ଚଉଦ ଭୁବନ ପାଟଣା । ଏ ସର୍ବ ତୋହର ରଚନା ॥
ତୁ ବ୍ରହ୍ମ ରୁଦ୍ର ବିଷ୍ଣୁ ରୁହ । ତୋ ବିନୁ ଅନ୍ୟ ଗତି ନାହିଁ ॥
ସୃଷ୍ଟି ଯାହାର ଖେଳଘର । ଅସଂଖ୍ୟ ମାୟା ଯିବ ପାର ॥
ତୋହର ନିଶ୍ୱାସ ମରୁତ । ଦେବେ ହୋଇଲେ ତହୁଁ ଜାତ ॥
ବୃହସ୍ପତି ଅଗ୍ନି ଦେବ ଇନ୍ଦ୍ର । ନୟନୁ ଜାତ ସୂର୍ଯ୍ୟ ଚନ୍ଦ୍ର ॥
ଭୁଜରୁ ଅନନ୍ତ ମୃରଥ । କଣ୍ଠରୁ ଜାତ ସରସ୍ୱତୀ ॥
ସଦା ଚଞ୍ଚଳ ନିଦ୍ରା ନାହିଁ । ଏରୂପେ ଶୂନ୍ୟେ ଅଛ ରହି ॥
ଏମନ୍ତେ ଅଶେଷ ମହିମା । କେ ଜାଣି ପାରେ ଗୁଣ ସୀମା ॥
ତୋ ନାମେ କରୁଥିଲେ ଲୟ । କୋଟିଏ ଜନ୍ମ ପାପ କ୍ଷୟ ॥
ନାମ ଘୋଷିଲେ ସର୍ବସିଦ୍ଧି । ଖଣ୍ଡଇ ରୋଗ ଶୋକ ଆଦି ॥
ଆରତ ଭଞ୍ଜନ ତୋ ବାନା । ଆତଙ୍କ କାଳେ ବନ୍ଧୁସେହ୍ନା ॥
ହୋଇଲ ଦଶ ଅବତାର । ନାଶିଲ ମେଦିନୀର ଭାର ॥
ଦୁଷ୍ଟ ନିବାରି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ॥
ତୁ ଅଟୁ ଦରିଦ୍ରଙ୍କ ଧନ । ତା ତତ୍ତ୍ୱ ବୁଝୁ ଜାଣି ମନ ॥
ସତୀ ସ୍ତ୍ରୀବନ୍ତାଙ୍କର ମନେ । ନିଜର ସ୍ୱାମୀ ଥାନ୍ତି ଯେହ୍ନେ ॥
ସେହି ପ୍ରକାରେ ମୋର ମନ । ତୋଠାରେ ରହୁ ଭଗବାନ ॥
ଏମନ୍ତ ଭାବେ କଲେ ସ୍ତୁତି । ପ୍ରସନ୍ନ ହୋଇବେ ଶ୍ରୀପତି ॥
ଏ ସ୍ତୁତି ପଢ଼ନ୍ତେ ଶୁଣନ୍ତେ । ସ୍ୱର୍ଗ ଯେ ପ୍ରାପତି ହୁଅନ୍ତେ ॥

ଏ ସ୍ତୁତି ଯେ ଜନ ଶୁଣନ୍ତି । ଯମ ତା ପାଖ ନ ମାଡ଼ନ୍ତି ॥
ରାଜଦଣ୍ଡକୁ ନାହିଁ ଭୟ । ଅଇଶମାନେ ଯାନ୍ତି କ୍ଷୟ ॥
ଭୂତ ପିଶାଚ ପ୍ରେତଗଣ । କଢକ ନ ଯାନ୍ତି ତା ପୁଣ ॥
ଅଶୁଭ ସ୍ୱପନେ ଦେଖିବ । କି ଅବା ଗ୍ରହପୀଡ଼ା ଥିବ ॥
ଏ ସ୍ତୁତି ଶ୍ରବଣେ ଶୁଣିଲେ । ହୁଅଇ ବାଞ୍ଛା ସିଦ୍ଧି ଭଲେ ॥
ବଢ଼ଇ ଆୟୁ ବିଦ୍ୟା ଧନ । ଖଣ୍ଡଇ ସବୁ କ୍ଳେଶମାନ ॥
ଗଙ୍ଗା ସନ୍ନିହିତେ ସର୍ବ ତୀର୍ଥେ । ସ୍ନାନକୁ କଲେ ଫଳ ଯେତେ ॥
ଏ ସ୍ତୁତି ପଢ଼ି ତେତେ ଫଳ । ନମଇ ବିଷ୍ଣୁ ପାଦତଳ ॥
ଏ ସ୍ତୁତି ହୋଇଲା ସମ୍ପୂର୍ଣ୍ଣ । ଶୁଣି ସନ୍ତୋଷ କରି ମନ ॥

ଇତି ଶ୍ରୀ ଜଗନ୍ନାଥଙ୍କ ସ୍ତୁତି ସମାପ୍ତ ।

—:*:—

ଶିବ ସ୍ତୁତି

ଦିବ୍ୟ କୁଣ୍ଡଳ ହାର ମୁଜ୍ଜ୍ୱଳ ମସ୍ତକୋଜ୍ଜ୍ୱଳ ଲୋଲତଂ ।
ଗାଢ଼କୁନ୍ତଳନେତ୍ରମୁଜ୍ଜ୍ୱଳ ଚନ୍ଦ୍ର ଶୀତଳ ଭୂଷିତଂ ।
ହସ୍ତ ନିର୍ମଳ ଦଣ୍ଡ ତ୍ରିଶୂଳ ଖଳେ କୋମଳ ଧାରିତଂ ।
ହେ ଶିବାପତି ପାର୍ବତୀପତି ତ୍ରାହି ମାଂ ଭବସାଗରଂ ।୧।
ବ୍ରହ୍ମ ରୂପିଣୀ ବିଷ୍ଣୁମୋହିନୀ ସର୍ବଷେବିଣୀ ଶୋଭିତଂ ।
ଦେହଧାରିଣୀ ବିଷ୍ଣୁବାସିନୀ ରୂପକାମିନୀ ସୂଚିତଂ ।
ଦେବ କାମିନୀ ନାଗପତ୍ନୀ ସର୍ବସୁରମୁନି ସେବିତଂ
ହେ ଶିବାପତି ପାର୍ବତୀପତି ତ୍ରାହି ମାଂ ଭବସାଗରଂ । ୨ ।
ବହ୍ନି କର୍ପୂର ରୂପସୁନ୍ଦର ପାଦେ ନୂପୁର ଗର୍ଜ୍ଜିତଂ ।
ଚନ୍ଦ୍ର ଶେଖର କାନ୍ତି ପ୍ରଭାକର କର୍ଣ୍ଣକେଶର ସୂଚିତଂ ।

ଶିବ ସ୍ତୁତି

ଭୂତ ଖେଚର ସିଂହ ଶାର୍ଦ୍ଦୁଳ ପ୍ରେତଭୂଷଣ ଭୂଷିତଂ ।
ହେ ଶିବାପତି ପାର୍ବତୀପତି ତ୍ରାହିମାଂ ଭବସାଗରଂ । ୩ ।
ପଦ୍ମଲୋଚନ ନନ୍ଦି ବାହନ ଶେଷଭୂଷଣ ଭୂଷିତଂ ।
ଭସ୍ମଲେପନ ଚର୍ମଧାରଣ ସୃଷ୍ଟି ଧାରଣ ପ୍ରାଚନ୍ତଂ ।
ପଞ୍ଚ ଆନନ କାମମର୍ଦ୍ଦନ ଯୋଗ ସାଧନ ସାଧିତଂ ।
ହେ ଶିବାପତି ପାର୍ବତୀପତି ତ୍ରାହି ମାଂ ଭବସାଗରଂ । ୪ ।
ଦେବ କିନ୍ନର ଦେବ ଗୋଚର ଭୂଧରାଧର ଭୂଷିତଂ ।
ଆଦି ଗୋଚର ଜାନକୀବର ମନ୍ତ୍ରସାଧନ ସାଧିତଂ ।
ତ୍ରାହିମାଂ ଶିବ ତ୍ରାହିମାଂ ଶିବ ତ୍ରାହି ମାଂ ହର ଭୂଷିତଂ ।
ହେ ଶିବାପତି ପାର୍ବତୀପତି ତ୍ରାହିମାଂ ଭବସାଗର । ୫ ।

ଇତି ଶ୍ରୀ ଶିବସ୍ତୁତି ସମାପ୍ତ ।

ଓଁ

ମୁଦ୍ରାକର—ଶ୍ରୀ ଅରକ୍ଷିତ ଦାସ, ଦାଶରଥି ପ୍ରେସ,
ବାଲୁବଜାର, କଟକ—୧୯୨୫ ମସିହା।